# ଓଡିଶାର ଇତିହାସ ଓ ସଂସ୍କୃତି

## ଉପକ୍ରମ

ନଦୀ, ନିର୍ଝର ଶୋଭିନୀ, ନୀଳ ପାରାବାର ସେବିନୀ ଆମ ଉତ୍କଳ । ଏ ଓଡିଶା ଭୂମି ହେଉଛି ଗର୍ବ ଓ ଗୌରବର କର୍ମଭୂମି, ଧର୍ମଭୂମି । ଓଡିଶାର ଇତିହାସ, ପରମ୍ପରା, ସଂସ୍କୃତି ଯେତିକି ବିସ୍ତୃତ ସେତିକି ପ୍ରଭାବଶାଳୀ । ଉତ୍କଳର କଳାଗାରିମା, ଐତିହ୍ୟ ଅବର୍ଣ୍ଣନୀୟ । ଏହାର ସଂସ୍କୃତି ଯେମିତି ଅନନ୍ୟ ଇତିହାସ ବି ସେମିତି ଚଣ୍ଡାଶୋକରୁ ଧର୍ମାଶୋକଯାଏଁ ସୁଦୂର ପ୍ରସାରୀ । ପାଇକ ବିଦ୍ରୋହ, ଓଡିଶା ଗଠନଠୁଁ ଆରମ୍ଭ କରି ସ୍ୱତନ୍ତ୍ର ଭାଷା ଆନ୍ଦୋଳନ ପର୍ଯ୍ୟନ୍ତ ଯାତ୍ରା ବାସ୍ତବରେ ଅଭୂତପୂର୍ଣ୍ଣ । କେବଳ ଇତିହାସ ମହାନ୍ ନୁହେଁ ଏହାର ସଂସ୍କୃତି ବି ନିଆରା । ଓଡିଆ ଭାଷା ଯେମିତି ମଧୁର ଆମ ଓଡିଶା ବି ସଂସ୍କୃତିର ଗନ୍ତାଘର । ସମ୍ବଲପୁରୀ ଶାଢୀ- ପଂଚବାଦ୍ୟର ତାଳ, ପିଠାପଣାର ଆସର-ପର୍ବପର୍ବାଣୀର ମେଳଣ, କାରୁକାର୍ଯ୍ୟରେ ଭିନ୍ନ ଭିନ୍ନ କଳାକୃତି - ବାଲୁକା ଶିଳ୍ପ ଠୁଁ କୋଣାର୍କ ମନ୍ଦିର ଏହାର ପଥପ୍ରାନ୍ତ, ପିପିଲି ଚାନ୍ଦୁଆ- ମଠା, ପାଟ ଓଡିଶାକୁ ଦେଇଛି ବିଶ୍ୱ ଦରବାରରେ ନୂତନ ପରିଚୟ ।

## ଇତିହାସ

୧୯୧୯ ରୁ ୨୦୦୯। ନଅ ଦଶକର ସୁଦୀର୍ଘ ଯାତ୍ରାପଥ । କାଳର ଇତିହାସରେ ଏହି ଅବଧି ଅତିବେଶୀ ନୁହେଁ, କିନ୍ତୁ ଆଧୁନିକ ଇତିହାସର ପୃଷ୍ଠଭୂମିରେ ନିଶ୍ଚିତ ରୂପେ ଏହା ଥିଲା ସବୁଠାରୁ ମହତ୍ୱପୂର୍ଣ୍ଣ, ସନ୍ଧିକ୍ଷଣର ସମୟ । ଦେଶ ଥିଲା ପରାଧୀନ, ଜାତି ହରାଇ ବସିଥିଲା ତାର ପରିଚୟ, ଭାଷା ତୀବ୍ର ଆହ୍ୱାନର ସମ୍ମୁଖୀନ ହୋଇ ଦରୋଟି ଓଠରେ ସ୍ଥିତିରକ୍ଷାର ସଂଗ୍ରାମ ଚଳାଇଥିଲା । କାଳର ଏହିପରି ଘଡିସନ୍ଧି ମୁହୂର୍ତରେ ବୀର ପ୍ରବାସିନୀ ଉତ୍କଳମାତାର ଗର୍ଭରେ ଜନ୍ମ ନେଲେ କେତେ ଜଣ ବରପୁତ୍ର, ଯେଉଁମାନଙ୍କର ତ୍ୟାତ, ତିତିକ୍ଷା ଓ ତପସ୍ୟାର ଫଳସ୍ୱରୂପ ଦଣ୍ଡାୟମାନ ହୋଇଛି ଆଜି ଏହି ଜାତି । ଗୋପବନ୍ଧୁ ଦାସ, ମଧୁସୂଦନ ଦାସ, ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତ, ଫକିର ମୋହନ ସେନାପତି, ଗୋଦାବରିଶ ମିଶ୍ର ପ୍ରଭୃତି ନାବିକ ସାଜିଲେ ଏହି ଜାତିର ଯାତ୍ରାପଥରେ । ଜାତି ନନ୍ଦିଘୋଷ ଆଗେଇ ଚାଲିଲା ।

ଭାଷାଭିତିରେ ପ୍ରଦେଶ ଗଠନର ଅନ୍ଦୋଳନରେ ଆଗୁଆ ଓଡିଆମାନେ ଖଣ୍ଡିତ ହେଲେ ବି ଏକ ପ୍ରଦେଶ ତତ୍କାଳୀନ କ୍ରୁର ରାଜନୀତିକ ବ୍ୟୁହ ମଧରେ ଲାଭ କରିବା ଥିଲା ପ୍ରଥମ ସ୍ୱାଭିମାନର ନିଦର୍ଶନ । ଏ ସ୍ୱାଭିମାନର ଗୌରବ ଓଡିଆଜାତିର ମୁକୁଟହୀନ ସମ୍ରାଟ କୁଳବୃଦ୍ଧ ମଧୁସୂଦନଙ୍କ ପ୍ରଚଣ୍ଡ ଅନମନୀୟ ବ୍ୟକ୍ତିତ୍ୱରେ ଯେତିକି ପରିମାଣରେ ସମୃଦ୍ଧ ଥିଲା ତତ୍କାଳୀନ ଇତିହାସରେ ନିଜର ସ୍ୱାତନ୍ତ୍ର୍ୟ ରକ୍ଷାର ଉଦ୍ୟମ ହେଉଛି ଓଡିଆଙ୍କ ପାଇଁ ଦ୍ୱିତୀୟ ସ୍ୱାଭିମାନର ବିଷୟ । ପ୍ରଦେଶ ଗଠନର ଆନ୍ଦୋଳନ କେବଳ ପ୍ରଦେଶ ପାଇଁ ଏକକ ଆନ୍ଦୋଳନ ନଥିଲା, ଥିଲା ସାମଗ୍ରିକ ଜାତୀୟଜୀବନର ଉତ୍ଥାନ, ଶିଳ୍ପୋନ୍ନତି, ଭାଷା ଉନ୍ନତି ତଥା ଉଚ୍ଚକ୍ଷେତ୍ରରେ ଓଡିଆଙ୍କ ପ୍ରତିଷ୍ଠାର ବାର୍ତାବହ । ଏପରି ଉଦ୍ଦେଶ୍ୟଭିତିକ ଆହ୍ୱାନର କର୍ଣ୍ଣଧାର ଉତ୍କଳ ସମ୍ମିଳନୀ ପରି ଏକ ଅଣରାଜନୀତିକ ଅନୁଷ୍ଠାନ ଥିଲା ଓଡିଆ ସ୍ୱାଭିମାନର ଅନ୍ୟ ଏକ ପ୍ରତୀକ, ଯାହାକୁ ୧୯୩୬ମସିହା ପରେ ଜାତୀୟ କଂଗ୍ରେସର ବିଶ୍ୱାସଘାତକତାରେ ଓଡିଆଏ ରକ୍ଷା କରିପାରିଲେ ନାହିଁ । ଫଳରେ ପ୍ରଦେଶ ଗଠନ ପରେ ଅନୁଷ୍ଠାନଟି ଦାୟିତ୍ୱମୁକ୍ତ ହେବା ପରି ଅଚଳ ହୋଇଗଲା ।

ଗୋପବନ୍ଧୁଙ୍କ ଦେହାନ୍ତ ହୋଇଥିଲା ବହୁପୂର୍ବରୁ, କୁଳବୃଦ୍ଧ, ଗଜପତି କୃଷ୍ଣଚନ୍ଦ୍ର, ବ୍ରଜସୁନ୍ଦର ଦାସଙ୍କ ପରି ନେତାମାନଙ୍କ ଅବର୍ତମାନରେ ପରବର୍ତୀ ସମୟରେ ସାଂଗଠନିକ କର୍ତବ୍ୟଶୂନ୍ୟ ହୋଇ ଓଡିଆଏ ବ୍ୟକ୍ତିଗତ ସୁଖକୁ ଆଦରି ନେଲେ । ଫଳରେ ସ୍ୱତନ୍ତ୍ର ରାଜ୍ୟରେ ପଡିଥିବା ଭୂମିପୂଜାରେ ପୂର୍ଣ୍ଣତା ହାସଲ କରି ସୀମିତ ରହିଗଲା । ସ୍ୱାଭିମାନର ଉତୋରତର ବୃଦ୍ଧି ଘଟିଲା ନାହିଁ ।

ଜାତୀୟ ଚେତନାକୁ ଧରି ଗଠନାତ୍ମକ ଭୂମିକା ଗ୍ରହଣ କରିବାକୁ ଉପଯୁକ୍ତ ନେତା ବାହାରିଲେ ନାହିଁ ଯେତେକାଳ ଯାଏଁ ଉତ୍କଳୀୟ ଜାତୀୟତାର ସୂତ୍ରକୁ ଧରି କୌଣସି କାର୍ଯ୍ୟକ୍ରମ ସଂଘଟିତ ହୋଇଛି ସେତେକାଳ ଯାଏଁ ଓଡିଆଙ୍କ ସ୍ୱାଭିମାନର ବିଜୟ ଘଟିଛି।

ମହାଭାରତୀୟ ଜାତୀୟତା ଓଡିଆଙ୍କ ପାଇଁ ହୋଇଛି ଘାତକ । ଥରେ ଏହି ଜାତୀୟତାର ସ୍ରୋତରେ ମିଶିଯିବା ପରେ ଓଡିଆଙ୍କ ଅସ୍ତିତ୍ୱ ଦୁର୍ବଳ ହୋଇପଡିବାର ନଜିର ଅନେକ ଅଛି । ତାର କାରଣ ହୋଇପାରେ ଭାରତବର୍ଷରେ ଓଡିଆ ନେତାଙ୍କୁ ସ୍ୱୀକୃତିର ଅଭାବ, ଓଡିଆଙ୍କ ଦୁର୍ବଳ ବ୍ୟକ୍ତିତ୍ୱ । ଯଥାକ୍ରମେ ବିଶ୍ୱନାଥ ପଣ୍ଡିତ,ବିଶ୍ୱନାଧ ଦାସ, ନବକୃଷ୍ଣ ଚୌଧୁରୀ, ଡଃ ହରେକୃଷ୍ଣ ମହତାବ, ଓଡିଶା ରାଜନୀତିରେ କ୍ଷମତାର ପଶାଖେଳରେ – ବ୍ୟକ୍ତିତ୍ୱର ମଶାଲକୁ ଦର୍ପଣ ରୂପେ ବ୍ୟବହାର କରି ଜାତୀୟ ଅସ୍ମିତାକୁ ଜ୍ୱଳାଞ୍ଜଳୀ ଦେଲେ । ସ୍ୱାଧୀନତାର ପୂର୍ବକାଳର ଓଡିଆତ୍ୱ ସ୍ୱାଧୀନତା ପରକାଳର ରାଜନୀତିକ ଇଚ୍ଛାଶକ୍ତି ଓ ରାଷ୍ଟ୍ରନିର୍ମାଣ ଶକ୍ତି ଭିତରେ ପ୍ରତିଫଳିତ ହେଲା ନାହିଁ । କେବଳ ପ୍ରଶାସନ ପାଇଁ ସରକାରଟିଏ ଦରକାର ଓ ସରକାର ଗଢି କ୍ଷମତା ଭୋଗ କରିବା ଭିତରେ ରାଜନୀତିକ କାର୍ଯ୍ୟକଳାପ ରହିଲା ସୀମିତ । ପକ୍ଷାନ୍ତରରେ ଜାତିଗଠନ ପାଇଁ ଯେଉଁ ନେତୃତ୍ୱ, ଆବେଗ, ଇଚ୍ଛାଶକ୍ତି ସାଂଗଠନିକ ଦକ୍ଷତା, ଦୃଢମନୋବଳ, ସ୍ୱାଭିମାନ ଦରକାର ଥିଲା ତାହା ବିଜୁ ପଟ୍ଟନାୟକଙ୍କ ବ୍ୟତୀତ ଅନ୍ୟ କାହା ପାଖରେ ନଥିଲା । ଫଳରେ ସୀମା ଆନ୍ଦୋଳନ ପରି ଏକ ନ୍ୟାୟୋଚିତ ଆନ୍ଦୋଳନ ବିଫଳ ହେଲା ।

**ଓଡିଶାର ଐତିହାସିକ ପୃଷ୍ଠା**

ଓଡିଶା ପୂର୍ବେ ସୁନା, ହୀରା, ଖଣିଜ ସମ୍ପଦରେ ଭରପୂର ଥିଲା। ଏହାକୁ ନଜରରେ ରଖିଥିଲା ଇଂରେଜ ଇଷ୍ଟଇଣ୍ଡିଆ କମ୍ପାନୀ ଏମିତିକି ଅନେକ ବୈଦେଶିକ ବାଣିଜ୍ୟିକ ଅନୁଷ୍ଠାନ ଏଠାକୁ ବାଣିଜ୍ୟ କରିବାକୁ ମନବଳାଇ ଓଡିଶାର ସର୍ବସ୍ୱ ହରଣ କରିଥିଲେ । ଯେଉଁ ଓଡିଶା ସୁଜଳା ସୁଫଳା ଶସ୍ୟ ଶ୍ୟାମଳା ଥିଲା ଆଜି ସେହି ଓଡିଶାର ଲୋକ ଦାରିଦ୍ର୍ୟ ତଥା ଅନାହାରର କଷାଘାତରେ ଜୀବନ ଜୀଉଁଛି ।

ଅନେକ ମହାପୁରୁଷଙ୍କ, ରାଜନେତା, ରାଜ୍ୟପ୍ରେମୀଙ୍କ ସାହାଯ୍ୟ ପରେ ଓଡିଶା ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇଛି । ହେଲେ ଏ ରାଜ୍ୟର ସୌନ୍ଦର୍ଯ୍ୟତା ଏଯାବତ୍ ଅକ୍ଷୁର୍ଣ୍ଣ ରହିପାରି ନାହିଁ । ହେଲେ ଏ ସ୍ୱାଧୀନତା ଜାତୀୟତାବାଦ୍ ପାଇଁ କେତେ ବୀର ଓଡିଆଙ୍କ ଜୀବନ ଯାଇଛି, କିଏ ନିଜ ପରିବାର ହରାଇଥିଲା ତ ଆଉ କିଏ ନିଜ ଘରସଂସାରକୁ ସାରା ଜୀବନ ପାଇଁ ଭୁଲି ଯାଇଥିଲେ । ଅନେକ ରାଜାଙ୍କ ଶାସନ ବି ଏ ରାଜ୍ୟରେ ହୋଇଛି ହେଲେ ଅଶୋକଙ୍କ ପରାକ୍ରମ ଆଗରେ ସବୁ କିଛି ଭାଙ୍ଗି ଚୁରମାର ହୋଇଛି। ତାଙ୍କର ଆକସ୍ମିକ ଉତ୍ଥାନ ପତନ ଓଡିଶାର ଇତିହାସରେ ଅନନ୍ୟ ।

**ସଂସ୍କୃତି**

**ସଂସାର-ସାରା-ଜୀବ ମାନବ ସ୍ୱୀୟ ପ୍ରଜ୍ଞା-ପ୍ରତିଭା-ବୁଦ୍ଧି-ବିବେକ-ବିଚାର ବଳରେ ଇତର ପ୍ରାଣୀଙ୍କଠାରୁ ଆପଣାର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଚାଲିଛି । ଓଡିଶାର ସଂସ୍କୃତି ହେଉଛି ସୁଦୂର ପ୍ରସାରୀ । ଏହାର ବର୍ଣ୍ଣନା ବାସ୍ତବରେ ସମୁଦ୍ରକୁ ସଂକ୍ଷେପରି। ଭାଷାରେ ଓଡିଆ ଯେମିତି ମଧୁର, ଚାଲିଚଳଣ ଆଚାର ବ୍ୟହାର ବି ସେମିତି ଏଠାକାର ଭଳିକି ଭଳି । ବାର ମାସରେ ତେର ପର୍ବ ତା ସାଙ୍ଗକୁ ନାନାଦି ପିଠାପଣା, ସଙ୍ଗୀତ, ନୃତ୍ୟର ଆସର, ପୁଣି ଅନେକ ଦେବାଦେବୀଙ୍କ ପୀଠସ୍ଥଳୀ, ତା ସାଙ୍ଗକୁ ଦର୍ଶନୀୟ ସ୍ଥାନ ଏସବୁ ଓଡିଶାକୁ ଦେଇଛି ବିଶ୍ୱ ଦରବାରରେ ଭିନ୍ନ ଏକ ପରିଚୟ ।**

**ପର୍ବପର୍ବାଣୀ**

ଉତ୍କଳ ହେଉଛି ପବିତ୍ର ଜଗନ୍ନାଥ କ୍ଷେତ୍ର, ଧର୍ମ ଚେତନାର ବିଚିତ୍ର ଲୀଳାସ୍ଥଳ । ସ୍ୱୟଂ ଜଗନ୍ନାଥ ହେଉଛନ୍ତି ଉତ୍କଳର ଧର୍ମର ଚେତନାର ପ୍ରାଣକେନ୍ଦ୍ର । ଏଣୁ ଏଠାରେ ବାର ମାସରେ ତେର ପର୍ବପର୍ବାଣୀ ପାଳନ ହୁଏ । ପ୍ରତ୍ୟେକଟି ପର୍ବ-ପର୍ବାଣୀ ପାଳନ ଅନ୍ତରାଳରେ ରହିଛି କେତେକ ନିହିତ ଉଦ୍ଦେଶ୍ୟ। ଏହି ଉଦ୍ଦେଶ୍ୟ ଅନ୍ତରାଳରେ ରହିଛି ମାନବିକ ଐକ୍ୟ ପ୍ରତିଷ୍ଠା, ଅନ୍ୟାୟ, ଅନୀତି, ଅଧର୍ମ ପ୍ରତି ଭୟ,ଭାଗବତ ପ୍ରାପ୍ତି ପାଇଁ ଦୁର୍ବାର ଅଭିଳାଷ ।

ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଏଠାରେ ସବୁ ପର୍ବପର୍ବାଣୀ ବଡ ଧୁମ୍‌ଧାମ୍‌ରେ ପାଳନ ହୁଏ। ରଥଯାତ୍ରାଠୁଁ ଆରମ୍ଭ କରି ବାହୁଡା, ସୁନାବେଶ, ରଜ, ହୋଲି, ଜନ୍ମାଷ୍ଟମୀ, ପ୍ରଥମାଷ୍ଟମୀ, ଦୁର୍ଗାପୂଜା, କାଳୀପୂଜା, ନୂଆଖାଇ, ଇଦ୍, ରମଜାନ୍, ବଡଦିନ ଆଦି ସବୁ ପାଳନ କରାଯାଏ ।

କେବଳ ସେତିକି ନୁହେଁ ପାର୍ବଣ ସାଙ୍ଗକୁ ଖାଇବା, ପିନ୍ଧିବା ବି ଭଳିକି ଭଳି  ହୋଇଥାଏ । ଅଭଡା, ଖିରି, ପୁରୀ, କାକରା, ଆରିସା, ଛପନ ଭୋଗ, ଏଣ୍ଡୁରୀ, ରସାବଳୀ ଇତ୍ୟାଦି ଅନେକ ଭିନ୍ନ ଭିନ୍ନ ସ୍ଥାନର ପ୍ରସିଦ୍ଧ ଖାଇବା ମିଳିଥାଏ ।

ମନ୍ଦିର

ବହୁ ପୁରାତନକାଳରୁ ଅନେକ ରାଜାଙ୍କ ଶାସନ ଉତ୍କଳ ମାଟିରେ ହୋଇଛି। ସୋମ, ଚୋଡ, କେଶରୀ ବଂଶୀୟ ରାଜାମାନେ ନିଜ ନିଜ ଅମଳରେ ନିଜ କଳା, କାରୁକାର୍ଯ୍ୟ ଅନୁଯାୟୀ ମନ୍ଦିର ନିର୍ମାଣ କରିଛନ୍ତି । ତନ୍ମଧ୍ୟରୁ କୋଣାର୍କ, ପୁରୀ, ଲିଙ୍ଗରାଜ, କପିଳାସ ଅନ୍ୟତମ । ଏହାର କଳା ନୈପୁଣ୍ୟତା ଇଂରେଜମାନଙ୍କୁ ବି ଆକୃଷ୍ଟ କରିବାରେ ସକ୍ଷମ ହୋଇପାରିଥିଲା । ଏଥିପାଇଁ ଭୁବେନଶ୍ୱରକୁ ମନ୍ଦିରମାଳିନୀ ସହର ବୋଲି କୁହାଯାଏ ।

କେବଳ ମନ୍ଦିର ନୁହେଁ ଉତ୍କଳୀୟ କଳା ନିପୁଣତାର ବି କୌଣସି ସମକକ୍ଷତା ନାହିଁ। ଉତ୍କଳର କାରିଗରମାନେ ସେମାନଙ୍କ ପାରଦର୍ଶିତା ହାତୀଗୁମ୍ଫା, ରାଣୀଗୁମ୍ଫାର ପାହାଡରେ ଦେଖାଇପାରିଛନ୍ତି ।

ଗୀତ, ବାଦ୍ୟ, ନୃତ୍ୟ, ସଙ୍ଗୀତ

ଉତ୍କଳ ହେଉଛି ଭିନ୍ନତା ମଧ୍ୟରେ ଏକତାର ସୂତ୍ରପାତ। ଏଥିପାଇଁ ଏଠାରେ ଭଳିକି ଭଳି ଗୀତ,ନାଚ, ବାଦ୍ୟ, ସଙ୍ଗୀତର ଆସର ମିଳିଥାଏ । ଓଡିଶୀ, ସମ୍ବଲପୁରୀ, ଛଉ, ଧୁବକୁଡୁ ନୃତ୍ୟ ସାଙ୍ଗକୁ ପଂଚବାଦ୍ୟର ମିଳଣ, ତା ସାଙ୍ଗକୁ ଲୋକଗୀତର ସ୍ପର୍ଶ ଉତ୍କଳକୁ ଦେଇଥାଏ ଏକ ନୂତନ ପରିଚୟ ।

**ଶିଳ୍ପ ବିକାଶ**

ମାନବ ଏକ ବିକାଶଶୀଳ ପ୍ରାଣୀ। ଆପଣାର ବୁଦ୍ଧି-ବିବେକ-ବିଚାର ବଳରେ ଆଦିମ ସ୍ତରରୁ ଆଧୁନିକ ସ୍ତରରେ କରିଛି ପଦାର୍ପଣ । ଭୌଗଳିକ ସ୍ଥିତି ଦୃଷ୍ଟିରୁ ଭାରତର ପୂର୍ବ ଉପକୂଳରେ ଓଡିଶା ଏକ କ୍ଷୁଦ୍ର ରାଜ୍ୟ । ଅରଣ୍ୟ ସଂକୁଳ, ନଦୀ-ସମୁଦ୍ର ବେଷ୍ଟିତ ଉତ୍କଳଭୂମିରେ ଭରି ରହିଛି ପ୍ରଚୁର ଖଣିଜ ସମ୍ପଦ । ଏହି ଖଣିଜ ସମ୍ପଦରୁ ଓଡିଶା ଅନେକ ରାଜସ୍ୱ ଆଦାୟ କରିପାରୁଛି ।

କୁଟୀର ଶିଳ୍ପ, ହସ୍ତ ଶିଳ୍ପ, ବାନ୍ଧକଳା, ପଟ୍ଟଚିତ୍ର, ବାଲୁକା କଳା ଆଦିରେ ଉତ୍କଳୀୟ କାରିଗରିତାର କୌଣସି ତୁଳନା ନାହିଁ । ଏହି ଶିଳ୍ପ ବଳରେ ଓଡିଶାର ପୁରପଲ୍ଲୀର ଲୋକେ କାର୍ଯ୍ୟକ୍ଷମ ହେବା ସହ ନିଜ ଗୁଜୁରାଣ ମେ□ଇବାରେ ସକ୍ଷମ ହୋଇପାରିଛନ୍ତି ।

**କବି ଏବଂ ଲେଖକ**

କବି ଏବଂ ଲେଖକଙ୍କ ବିନା ସୃଷ୍ଟିର ସୌନ୍ଦର୍ଯ୍ୟ ବର୍ଣ୍ଣନା ଅସମ୍ଭବ । ପ୍ରକୃତି କବି ଗଙ୍ଗାଧର, ପଲ୍ଲୀ କବି ନନ୍ଦ କିଶୋର ବଳ, ଆଧୁନିକ ପ୍ରେମୀ ମାୟାଧର ମାନସିଂହ, କବିବର ରାଧାନାଧ ରଥ, ମଧୁସୂଦନ ଦାସ ଏବଂ ମଧୁସୂଦନ ରାଓ, ଫକୀର ମୋହନ ସେନାପତି ଏମାନଙ୍କ ଭଳି ମହାନ ପୁରୁଷଙ୍କ ମହାନ ଲେଖା ଓଡିଆ ସାହିତ୍ୟ ସମାଜକୁ ଦେଇଛି ଯୁଗାନ୍ତକାରୀ ସଫଳତା । ଆଜି ବି ସାରଳା ଦାସଙ୍କ ମହାଭାରତ ଘରେ ଘରେ ପରିଚିତ । ଭୀମ ଭୋଇ ଅନ୍ଧ ହୋଇ ବି ଯେଉଁ କବିତା ଲେଖିଛନ୍ତି ତାହା ଆଜି ବି ବିଶ୍ୱ ବିଦ୍ୟାଳୟସ୍ତରରେ ଛାତ୍ରଛାତ୍ରୀ ଅଧୟନ କରୁଛନ୍ତି । ବରଗଡ ମାଟିର ହଳଧର ନାଗ ମାତ୍ର ତୃତୀୟ ଶ୍ରେଣୀ ପାଠ୍ୟକ୍ରମରେ ପଦ୍ମଶ୍ରୀ ସମ୍ମାନ ପାଇପାରିଛନ୍ତି । ଏଣୁ ଏଥିରୁ ଜଣାପଡେ ଏ ମାଟି ହେଉଛି ଲେଖନୀର ଉଦାହରଣ, ଜ୍ଞାନର ସମୃଦ୍ର ।

**ସିନେମା**

ସୀତାବିବାହରୁ ଆରମ୍ଭ ହୋଇଥିଲା ଓଡିଆ ସିନେମାର ସଫଳ ଯାତ୍ରା । ୧୯୫୧ର ରୋଲସ୍ ଟୁ ଏଇଟ୍ ଓଡିଆ ସିନେମା ଇଂରାଜୀ ନାମରେ ନିର୍ମିତ ହୋଇଥିଲା । ପରେ ପରେ ପ୍ରଫୁଲ୍ଲ ସେନଗୁପ୍ତା, ରତିକାନ୍ତ ପାଢୀ ଓଡିଆ ସିନେମାର ପୁରୋଧା ସାଜିଲେ । ଶ୍ରୀ ଲୋକନାଥ ହେଉଛି ପ୍ରଥମ ଓଡିଆ ଜାତୀୟ ସମ୍ମାନ ପ୍ରାପ୍ତ ଚଳଚ୍ଚିତ୍ର ଆଜି ସବ୍ୟସାଚୀ ମହାପାତ୍ର, ନୀଳ ମାଧବଣ୍ଡା ପ୍ରଭୃତିଙ୍କ ଅହରହ ଅବଦାନ ଆଜି ଓଡିଆ ସିନେମାକୁ ବିଶ୍ୱ ଦରବାରରେ ପରିଚିତ କରାଇପାରିଛି । ଓଡିଆ ସଂସ୍କୃତିକୁ ସାରା ସମାଜରେ ଜଣାଶୁଣା କରାଇପାରିଛି ।

**ଶେଷକଥା**

ଓଡିଶାର ଇତିହାସ ଓ ସଂସ୍କୃତି ବିଶ୍ୱ ବିଦୀତ । ଏଣୁ ଏହା ଅବର୍ଣ୍ଣନୀୟ । ଇତିହାସ ତ କେବଳ ପୁସ୍ତକରୁ ଜାଣି ହୁଏ । ହେଲେ ସଂସ୍କୃତି ଚାଲିଚଳଣ, ଭାବଭଙ୍ଗୀ, ଆଚାର ବ୍ୟବହାର ଦର୍ଶାଏ । ଯାହାକି ଆଜି ଲୋପପାଇବାରେ ଲାଗିଛି। ଆଗକାଳର ପାର୍ବଣ, ଯାନିଯାତ୍ରା, ମନ୍ଦିରର ସୌନ୍ଦର୍ଯ୍ୟତା ଆଜି ଧୀରେ ଧୀରେ ଲୋପପାଇବାରେ ବସିଲାଣି । ଆଧୁନିକ ଯୁବପିଢି ଏସବୁକୁ ଜାଣିପାରୁନାହାଁନ୍ତି କି ଏଥିପ୍ରତି ସେମାନଙ୍କର ଆଦର ମଧ କମିବାରେ ଲାଗିଛି । ଏହା ବାସ୍ତବରେ ବହୁ ଦୁଃଖର ବିଷୟ। ଏଣୁ ନିଜ ଜାତି, ରାଜ୍ୟର ଗୌରବ ଯେପରି ଅକ୍ଷୁର୍ଣ୍ଣ ରହୁ ସେଥିପ୍ରତି ସମସ୍ତେ ଧାନ ଦେବା ଆବଶ୍ୟକ ।

**ସୁକନ୍ୟା ଜେନା**

**ଆଇଆଇଏମସି ଢେଙ୍କାନାଳ**